# Akashvani, Sambalpur

## SAMBALPURI NEWS EVENING BULLETIN

## 3 September 2026-7.02- 7.12 pm.

---

୧- ସପ୍ତଦଶ ବିଧାନ୍‌ସଭାର୍ ୭ ନମ୍ବର୍ ଅଧିବେଶନ୍ ଆଏବା ୨୨ ତାରିଖ୍‌ନୁ ହେବା ମୁଲ୍ ।

୨- ରାଜ୍ୟର୍ ୪ ଟା ଚିନିକଲ୍‌ର ପୁନରୁଦ୍ଧାର୍ ଲାଗି ତୁର୍‌ତି ହେଇଛେ ପ୍ରକ୍ରିୟା- କହେଲେ ମୁଖ୍ୟମନ୍ତ୍ରୀ ।

୩- ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ନ ହେଲା ସଚିବସ୍ତରୀୟ ବୈଠକ୍ ।

୪- ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ କରାଯିବା କୃଷ୍ଣ ଜନ୍ମ ନୀତି ।

ଆଉର୍

୫- ଭୁବ୍‌ନେଶ୍ୱର୍ ନ ମୁଲ୍ ହେଲା ପୂର୍ବାଂଚଲ୍ ଆନ୍ତଃରାଜ୍ୟ ବେଡ଼ମିଂଟନ୍ ପ୍ରତିଯୋଗିତା ।

ବିଧାନ୍‌ସଭା ଅଧିବେଶନ୍      ଆଇ.ଆଣ୍ଡ୍.ପି.ଆର୍

ସପ୍ତଦଶ ବିଧାନ୍‌ସଭାର୍ ୭ ନମ୍ବର୍ ଅଧିବେଶନ୍ ଆଏବା ୨୨ ତାରିଖ୍‌ନୁ ମୁଲ୍ ହେବା । ଇ ବାବ୍‌ଦେ ଆଏଜ୍ ବିଧାନ୍‌ସଭା ସଚିବାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଅକ୍ଟୋବର୍ ୩ ତାରିଖ୍‌ତକ୍ ଇ ଅଧିବେଶନ୍ ଚାଲ୍‌ବା । ଆଉ ଇଥି ୮ ଟା ସର୍‌କାରୀ ଆଉ ଗୁଟେ ବେସର୍‌କାରୀ କାର୍ଯ୍ୟଦିବସ୍‌କେ ମିଶେଇକରି ମୋଟ୍ ୯ ଟା କାର୍ଯ୍ୟଦିବସ୍ ରହିଛେ । ସେପ୍ଟେମ୍ବର୍ ୨୬ ଆଉ ୨୭ ତାରିଖ୍ ସର୍‌କାରୀ ଛୁଟି ଲାଗି ଗୃହ କାର୍ଯ୍ୟ ବନ୍ଦ୍ ରହେବା । ସେନ୍ତା ଅକ୍ଟୋବର୍ ୨ ତାରିଖ୍ ଗାନ୍ଧୀ ଜୟନ୍ତୀ ଲାଗି ଭିଲ୍ ଗୃହ କାର୍ଯ୍ୟ ବନ୍ଦ୍ ରହେବା ବଲି ବିଜ୍ଞପ୍ତିନୁ ଜନାପଡ଼ିଛେ ।

ଚିନିକଲ -ପୁନରୁଦ୍ଧାର୍      ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୪ ଟା ଚିନିକଲ୍‌ର ପୁନରୁଦ୍ଧାର୍ ଲାଗି ପ୍ରକ୍ରିୟା ତୁର୍‌ତି ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ । ଇଥିର୍‌ଲାଗି

ଆଖୁଚାଷୀମାନ୍‌କର୍‌ନୁ ମୁଲ୍ କରିକରି ସେନର୍ ଯୁବପିଢ଼ିତକ୍ ବହୁତ୍ ପରିବାର୍ ରୋଜ୍‌ଗାର୍ ସୁଯୋଗ୍ ପାଏବେ । ରାଜ୍ୟ ସର୍‌କାର୍‌ଙ୍କର୍ ଇଚ୍ଛାଶକ୍ତି ଲାଗି ଓଡ଼ିଶାର୍ କୃଷି - ଶିଳ୍ପ କ୍ଷେତ୍ର ନୂଆଁ ଦିଗେ ଆଗ୍‌କେ ବଢ଼ୁଛେ । ନୟାଗଡ୍ ସହେତେ ରାଜ୍ୟର୍ ୪ ଟା ଚିନିକଲ୍‌ର ପୁନରୁଦ୍ଧାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନେଇଛନ୍ । ଇଟା ଯୁବପିଢ଼ିଙ୍କୁ ସମ୍ମାନ୍ ଜନକ୍ ରୋଜ୍‌ଗାର୍ ଆଉ ସ୍ଥାନୀୟ ଅର୍ଥନୀତିକେ ନୂଆଁ ଗତି ଦେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

## ସଚିବ ସ୍ତରୀୟ ବୈଠକ୍ ଭୁବନେଶ୍ୱର୍ ସମ୍ବାଦଦାତା

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଖାରବେଳ ନଗର୍ ନ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ଇଥି ରାଏଜେ ଚାଲୁଥିବା ଆଉ ଆଗ୍‌କେ ହେବାର୍‌କେ ଥିବାର୍ ଭିନ୍ ଭିନ୍ ବିକାଶ୍‌ମୂଲକ୍ କାମ୍ ବାବ୍‌ଦେ ଆଲୋଚନା କରାଯାଇଛେ । ସାଇବର୍ ସୁରକ୍ଷା, ନିଶାମୁକ୍ତ ଭାରତ୍, ଟିବି ମୁକ୍ତ ଭାରତ୍ ଆଉ ଭୁବ୍‌ନେଶ୍ୱର୍-ପାରାଦ୍ୱୀପ୍ - ପୁରୀ ଅର୍ଥନୈତିକ୍ ଅଂଚଲ୍ ପ୍ରକଳ୍ପ

ଉପ୍‌ରେ ବୈଠକ୍‌ଥି ଅଏତ୍‌କା ଜୋର୍ ଦିଆଯାଇଛେ ବଲି ଶ୍ରୀମତୀ ଗର୍ଗ କହିଛନ୍ ।

(ଭଏସ୍ ଓଭର୍- ଅନୁ ଗର୍ଗ)

ସବୁଜ ଅର୍ଥନୀତି ବିକାଶ୍        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ସବୁଜ ଅର୍ଥନୀତିର୍ ବିକାଶ୍ ଆଏବା ୧୦ ବଛ୍‌ରେ ୧୦ ଲାଖ୍ ତକ୍ ନିଯୁକ୍ତି ସୁଯୋଗ୍ ତିଆର୍ କରିପାର୍‌ବା । ଇଥିର୍‌ଲାଗି ଦକ୍ଷ ଶ୍ରମ ଶକ୍ତି ପ୍ରସ୍ତୁତି ଉପ୍‌ରେ ଜୋର୍ ଦେବାର୍ ସହେତେ ଓଡ଼ିଶା ଗ୍ରୀନ୍, ଜବ୍ସ ଏଣ୍ଡ୍ ସ୍କିଲିଂ ମିଶନ୍ ମୁଲ୍ କର୍‌ବାର୍‌କେ ଇଂଟର୍‌ନେସ୍‌ନାଲ୍ ଫୋରମ୍ ଫର୍ ଏନ୍‌ଭାୟାର୍‌ମେଂଟ୍ ସସ୍‌ଟେନେବିଲିଟି ଏଣ୍ଡ୍ ଟେକ୍ନୋଲୋଜି - ଆଇଫରେଷ୍ଟ ତର୍‌ଫୁ ସୁପାରିଶ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ନ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ଆଇଫରେଷ୍ଟ୍ ଆଡୁ ଓଡ଼ିଶାର୍ ସବୁଜ ଅର୍ଥନୀତି ଲାଗି ଶ୍ରମ ଶକ୍ତି- ନିଯୁକ୍ତି, ଦକ୍ଷତା ଆଉ ଉଦ୍ୟୋଗ୍‌ର ସମ୍ଭାବନା ଶୀର୍ଷକ୍ ରିପୋର୍ଟ ବାହାରିଛେ । ଇଥି ସର୍‌କାର୍, ଶିଳ୍ପ, ପ୍ରଶିକ୍ଷଣ୍ ଆଉ ସାମାଜିକ୍ କ୍ଷେତ୍ରର୍

ପ୍ରତିନିଧି ମାନେ ଯୋଗ୍ ଦେଇଥିଲେ । ରିପୋର୍ଟ ଅନ୍‌ସାରେ ୨୦୩୦ ମସିହାତକ୍ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ର ନ ପାଖାପାଖି ୩୦ ହଜାର୍ ଆଉ ୨୦୩୫ ମସିହାତକ୍ ଇତାର୍ ୨ ଗୁନ୍ ନିଯୁକ୍ତି ତିଆର୍ ହେଇପାର୍‌ବା । ମଞ୍ଜୁର୍ ହେଇଥିବା ସବୁଜ ନିବେଶ୍ ପ୍ରକଳ୍ପର୍ ୪୮ ହଜାର୍ ୪ ଶହ ନୁ ଅଏତ୍‌କା ନିଯୁକ୍ତିର୍ ସମ୍ଭାବନା ରହିଛେ । କୃଷି ବନୀକରଣ୍, ଜଙ୍ଗଲ୍ ପରିଚାଲନା, ହେନ୍ତାଳବଣ୍ ପୁନରୁଦ୍ଧାର୍ ଆଉ ବର୍ଜ୍ୟବସ୍ତୁ ପରିଚାଲନା ଭିଲ୍ ସବୁଜ ନିଯୁକ୍ତିର୍ ବଡ଼ କ୍ଷେତ୍ର ହେଇପାର୍‌ବା । ରାଜ୍ୟ ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ ସୁକାନ୍ତ କୁମାର୍ ପ୍ରଧାନ୍ ଇଥି ଯୋଗ୍ ଦେଇକରି ସବୁଜ ଦକ୍ଷତା ବିକାଶ୍‌ର ଗୁରୁତ୍ୱ ବାବ୍‌ଦେ କହିଥିଲେ ।

ଇଡ୍‌କୋ ଜମି ବଂଟନ୍ ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ଶିଳ୍ପବିକାଶ୍‌କେ ଅଏତ୍‌କା ଗତିଶୀଳ କର୍‌ବାର୍ ଆଉ ନିବେଶକ୍ ମାନ୍‌କର୍ ଲାଗି ବ୍ୟବସାୟିକ୍ ସହଜତାକେ ବର୍‌କସ୍ କର୍‌ବାର୍ ଲକ୍ଷ୍ୟଥି ଓଡ଼ିଶା ଶିଳ୍ପ ଭିତିଭୂମି ବିକାଶ୍ ନିଗମ୍ - ଇଡ୍‌କୋର ଜମି ବଂଟନ୍ କମିଟି ୩୭ ଟା ପ୍ରକଳ୍ପ ପ୍ରସ୍ତାବ୍‌କେ

ଅନୁମୋଦନ୍ କରିଛେ । ଇଡ଼୍କୋ ଅଧ୍ୟକ୍ଷ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କମିଟିର୍ ବୈଠକ୍‌ଥି ଅନୁମୋଦିତ ପ୍ରସ୍ତାବ୍ ଭିତ୍‌ରେ ବୃହତ୍ ଶିଳ୍ପ ପ୍ରକଳ୍ପ ଲାଗି ୨୪ ଟା ଆଉ ଅଣୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍ ଲାଗି ୧୩ ଟା ଜମି ପ୍ରସ୍ତାବ୍ ସାମିଲ୍ ରହିଛେ । ଇଥିର୍‌ଲାଗି ପ୍ରକଳ୍ପ ମାନ୍‌କର୍ କାର୍ଯ୍ୟାନ୍ୱୟନ୍ ତୁର୍‌ତି ହେବାର୍ ସହେତେ ସ୍ଥାନୀୟ ସ୍ତର୍ ନ ନିଯୁକ୍ତି ସୁଯୋଗ୍ ବଢ଼୍‌ବାର୍, ଆଂଚଲିକ୍ ଶିଳ୍ପ ବିକାଶ୍ ଆଉ ଯୋଗାଣ୍ ଶୃଙ୍ଖଳକେ ଅଏତ୍‌କା ବର୍‌କସ୍ କର୍‌ବାର୍‌କେ ସାହାଜ୍ କର୍‌ବା । ବୈଠକ୍‌ଥି ଶିଳ୍ପଂଚଲ୍ ନ କର୍ମଚାରୀମାନ୍‌କର୍ ଲାଗି ଦର୍‌କାରୀ ସୁବିଧା ସହେତେ କାମ୍ କରୁଥିବା ମହିଳା କର୍ମଚାରୀମାନ୍‌କର୍ ଲାଗି ସୁରକ୍ଷିତ୍, ସୁଗମ ଆଉ ଜରୁରୀ ଭିତିଭୂମି ଦିଆଯିବାର୍ ଉପ୍‌ରେ ଜୋର୍ ଦିଆଯାଇଛେ ।

ଭୋଟର୍ ତାଲିକା ସଂଶୋଧନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଆଏବା ପଂଚାୟତ୍ ଆଉ ପୌର ନିର୍ବାଚନ୍‌କେ ସ୍ୱଚ୍ଛ, ନିର୍ଭୁଲ୍ ଆଉ ବ୍ୟବସ୍ଥିତ୍ କର୍‌ବାର୍ ଲାଗି ରାଜ୍ୟ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଭୋଟର୍ ତାଲିକାଥି ଥିବା ଭୁଲ୍‌କେ

ସଂଶୋଧନ୍ ଲାଗି ଖାସ୍ ପାଇଲଟ୍ ସର୍ଭେ ଅଭିଯାନ୍ ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍-ବିଏମ୍‌ସି ନ ମୁଲ୍ ହେଇଛେ । ବିଏମସି ଅଧୀନ୍‌ଥି ଥିବା ୩ ଟା ବିଧାନ୍‌ସଭା କ୍ଷେତ୍ର ନ ଆଏବା ୧୧ ତାରିଖ୍‌ତକ୍ ବୁଥ୍‌ସ୍ତରୀୟ ଅଧିକାରୀ ବିଏଲ୍‌ଓ ମାନେ ଘର୍‌ଘର୍ ଯାଇକରି ସର୍ଭେ କର୍‌ବେ । ଆଏବା ଅକ୍ଟୋବର୍ ମାସର୍ ୨୬ ତାରିଖ୍‌ନୁ ନଭେମ୍ବର୍ ୭ ତାରିଖ୍‌ତକ୍ ସାରା ରାଏଜେ ଇ ସର୍ଭେ କାମ୍ କରାଯିବା । ଇଥି ନିୟୋଜିତ୍ ଅଧିକାରୀ କର୍ମଚାରୀମାନ୍‌କୁ ସଠିକ୍ ତଥ୍ୟ ଦେଇକରି ପୁରା ସହଯୋଗ୍ କର୍‌ବାର୍‌କେ ନିର୍ବାଚନ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

କୃଷ୍ଣ ଜନ୍ମନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଭୁଦୋ ମାସର୍ ଅନ୍ଧାର୍ ପଖର୍ ଅଷ୍ଟମୀ ତିଥି ନ କୃଷ୍ଣ ଜନ୍ମ ନୀତି କରାଯିବା । ଇ ତିଥି ଅବ୍‌ସରେ ପ୍ରଭୁ ଶ୍ରୀକୃଷ୍ଣ ଧରାବତରଣ୍ କର୍‌ବାର୍ ପରମ୍ପରାକେ ଅନୁକରଣ୍ କରିକରି ଶ୍ରୀମନ୍ଦିର୍ ନ ଖାସ୍ ନୀତିକାନ୍ତି କରାଯିବା । ବିଶେଷ୍ ଭାବେ ଶ୍ରୀକୃଷ୍ଣଙ୍କର୍ ଜନ୍ମନୀତି ବିଧି

ଅନ୍‌ସାରେ ଶ୍ରୀମନ୍ଦିର୍ ନ ସନ୍ଧ୍ୟାଧୂପ ଶେଷ୍ ହେବାର୍ ଉତ୍‌ରୁ କରାଯିବା । ଆଏଜ୍ ପ୍ରସବ ଯନ୍ତ୍ରଣାନୁ ମୁକ୍ତି ପାଏବାର୍ ଲାଗି ଯେଉଡ୍ ଭୋଗ ସହେତେ ଗର୍ଭ ଉଦକ ବନ୍ଦାପନା ନୀତି କରାଯିବା । ଇତାର୍‌ସହେତେ ଆଏବା କାଏଲ୍ ସ୍ୱତନ୍ତ୍ର ଭାବେ ଭଣ୍ଡାର ଗୃହ ଆଗାଡ଼େ ଶ୍ରୀକୃଷ୍ଣଙ୍କର୍ ଜନ୍ମ ନୀତି ପାଲନ୍ କରାଯିବା । ସନ୍ଧ୍ୟାଧୂପ ଭୋଗ ଛେକ ଆସ୍‌ବାର୍ ଉତ୍‌ରୁ କୃଷ୍ଣ ଜନ୍ମନୀତି ହେବା । ଇଥିର୍‌ଲାଗି ବେଲ୍‌ବୁଡ଼ର୍ ୭ ବଜେନୁ ରାତିର୍ ୧୨ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତରଫୁ ସୂଚ୍‌ନା ଦିଆଯାଇଛେ । ଇତାର୍‌ଛଡ଼ା ନ ମଠ ବାଡ଼ି ମାନ୍‌କେ ପରମ୍ପରା ଅନ୍‌ସାରେ ଖାସ୍ ପୂଜାର୍ଚ୍ଚନା ସହେତେ ଶ୍ରୀକୃଷ୍ଣ ଜନ୍ମନୀତି କରାଯିବା ।

ମଡ଼ିଆ ଚାଷୀ ପଞ୍ଜିକରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚଲ୍‌ତି ୨୦୨୬-୨୭ ଖରିଫ୍ ଋତୁଥି ମଡ଼ିଆ ଘିନ୍‌ବାର୍ ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ଜାରି ରହିଛେ । ମଡ଼ିଆ ଚାଷୀମାନେ କୃଷକ୍ ସଂଗଠନ୍, ପେକ୍ସ, ଲେମ୍ପସ୍, କି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ଆଏବା ୧୫ ତାରିଖ୍ ଭିତ୍‌ରେ

ପଞ୍ଜିକରଣ୍ କରାବାର୍‌କେ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଚଲ୍‌ତି ବଛର୍ ଖରିଫ୍ ମଡ଼ିଆ ଘିନା ୨୦୨୭ ମସିହା ଜାନୁଆରୀ ୧ ତାରିଖ୍‌ନୁ ମୁଲ୍ ହେଇକରି ୩୧ ମାର୍ଚ୍ଚ ତକ ଚାଲ୍‌ବା । ଚାଷୀମାନେ ଅଏତ୍‌କା ସୂଚ୍‌ନା ପାଏବାର୍ ଲାଗି ପାଶର୍ କୃଷି କାର୍ଯ୍ୟାଳୟ ନାହେତ କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫-୩୩୩ ଥି ଯୋଗାଯୋଗ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ କୁହାଯାଇଛେ ।

କର୍ମଶାଳା ପି.ଆଇ.ବି.

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ଅଧୀନ୍ କେନ୍ଦ୍ରୀୟ ସଂଚାର୍ ବ୍ୟୁରୋ- ଭୁବ୍‌ନେଶ୍ୱର୍ ତର୍‌ଫୁ କାର୍ଯ୍ୟକ୍ଷେତ୍ରଥି ଲିଙ୍ଗଗତ ସମ୍ବେଦନଶୀଳତା, ପୋଷଣ ଆଉ ସୁସ୍ଥ ଜୀବନ୍‌ଶୈଲୀକେ ନେଇକରି ଗୁଟେ କର୍ମଶାଳା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପତ୍ର ସୂଚନା କାର୍ଯ୍ୟାଳୟ ଆଉ କେନ୍ଦ୍ରୀୟ ସଂଚାର୍ ବ୍ୟୁରୋ - ଭୁବ୍‌ନେଶ୍ୱର୍ ର ଅତିରିକ୍ତ ମହାନିର୍ଦ୍ଦେଶକ୍ ଅଖିଳ କୁମାର୍ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଲିଙ୍ଗଗତ ନ୍ୟାୟ ଖାଲି ମହିଳାମାନ୍‌କର୍ ବିଷେ ନୁହେଁ, ଇଟା ପୁରୁଷ ଆଉ ମହିଳାମାନ୍‌କର୍ ସମାନ୍

ଅଧିକାର୍, ସୁଯୋଗ୍ ଆଉ ସମ୍ମାନ୍ ସଙ୍ଗେ ଜଡ଼ିତ ବଲି ଶ୍ରୀ ମିଶ୍ର କହିଥିଲେ । କାର୍ଯ୍ୟକ୍ଷେତ୍ର ନ ଲିଙ୍ଗଗତ ସମ୍ବେଦନଶୀଲତା ଆଉ ସଚେତନତା ବୃଦ୍ଧି ସହେତେ ଗୁଟେ ସମାବେଶୀ, ସୁରକ୍ଷିତ୍ ଆଉ ସମ୍ମାନ୍‌ଜନକ୍ ପରିବେଶ୍ ଗଠନ୍ ଉପ୍‌ରେ ସେ ଜୋର୍ ଦେଇଥିଲେ ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ ନୂଆପଡ଼ା ସମ୍ବାଦଦାତା

ଜାତୀୟ ଆଉ ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କର୍ ନିର୍ଦ୍ଦେଶ୍‌ଥି ନୂଆପଡ଼ା ଜିଲ୍ଲା ଆଉ ଦୌରା ଜଜ୍ ଆଉ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ସମର୍ ବିଲାସ୍ ବେହେରାଙ୍କର୍ ଦେଖ୍‌ରେଖ୍‌ଥି ଆଏବା ୧୨ ତାରିଖ୍ ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେବା । ନୂଆପଡ଼ା ଜିଲ୍ଲା କୋର୍ଟ ସହେତେ କୋମ୍‌ନା, ଖଡ଼ିଆଲ୍, ସିନାପାଲି ଆଉ ବୋଡ଼େନ୍ କୋର୍ଟ ନ ଇ ଅଦାଲତ୍ ବସ୍‌ବା । ଦେଓ୍ୱାନୀ, ଫୌଜଦାରୀ, ବୈବାହିକ୍ ବିବାଦ୍, ଜମି ଅଧିଗ୍ରହଣ୍ ବାଗିର୍ ଭିନ୍ ଭିନ୍ ମାମ୍‌ଲାର୍ ସମାଧାନ୍ ଇନ କରାଯିବା ।

ବେଡ଼ମିଂଟନ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ପୋଖରୀପୁଟ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ପୂର୍ବାଂଚଲ୍ ଆନ୍ତଃରାଜ୍ୟ ବେଡ଼ମିଂଟନ୍ ପ୍ରତିଯୋଗିତା ମୁଲ୍ ହେଉଛେ । ଆଏବା ୬ ତାରିଖ୍‌ତକ୍ ହେବାର୍‌କେ ଥିବା ପ୍ରତିଯୋଗିତାଥି ଓଡ଼ିଶା ସହେତେ ୬ ଟା ରାଜ୍ୟର୍ ୨ ଶହ ୨୦ ନୁ ଅଏତ୍‌କା ଖେଲାଲି ଯୋଗ୍ ଦେବେ । ଇଥି ବରିଷ୍ଠ ଆଉ କନିଷ୍ଠ ବିଭାଗ୍‌ଥି ଭିନ୍ ଭିନ୍ ଏକକ, ଯୁଡ଼ି ଆର୍ ମିଶ୍ରିତ ବର୍ଗଥି ପ୍ରତିଯୋଗିତାମାନ୍ ଆୟୋଜିତ୍ ହେବା ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଘୁଚାପ୍‌ର ପ୍ରଭାବ୍‌ଥି ଝାଡ଼ଖଣ୍ଡ ନ ଜବର୍ ବର୍ଷା ଲାଗି ଉତର୍ ଓଡ଼ିଶା ନ ବଏଢ଼୍ ସ୍ଥିତି ଲାଗି ରହିଛେ । ସୁବର୍ଣ୍ଣରେଖା ନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍‌ନୁ ବାଲେଶ୍ୱର୍, ମୟୁର୍‌ଭଞ୍ଜ୍ ଆଉ ଯାଜ୍‌ପୁର୍ ଜିଲ୍ଲା ଖାସ୍ କରି ପ୍ରଭାବିତ୍ ହେଇଛନ୍ । ବାଲେଶ୍ୱର୍‌ର ୨ ଶହ

ନୁ ଅଏତ୍କା ଗାଁ ଜଲବନ୍ଦୀ ହେବାର୍ ସହେତେ ମୟୁର୍ଭଞ୍ଜ୍ ଆଉ ଯାଜ୍ପୁର୍ ଜିଲ୍ଲାର୍ ଶହେ ୪୬ ଟା ଗାଁ ଇଥିର୍ଲାଗି ପ୍ରଭାବିତ୍ ହେଇଛନ୍ । ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି ଘଡ଼୍ଘଡ଼ି ସହେତେ ବର୍ଷା ହେବା ବଲି ୮ ଟା ଜିଲ୍ଲା ଲାଗି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ୭ ଦିନ୍ତକ୍ ରାଜ୍ୟର୍ କେତେଟା ଜାଗା ନ ହାଲ୍କା ନୁ ମଧମ୍ ଧରଣ୍ର ବର୍ଷା ହେବାର୍ ସମ୍ଭାବନା ଅଛେ ।

ହୀରାକୁଦ୍ ଜଲ୍ଭଣ୍ଡାର ଆର୍ଏନ୍ୟୁ/ ସମ୍ବଲପୁର

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଞ୍ଜର୍ ୬ ବଜେତକ୍ ୬ ଶହ ୨୭ ଦଶ୍ମିକ୍ ୫/୨ ଫୁଟ୍ ରହିଥିଲା । ଇହାଦେ ୭ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ ଭିନ୍ ଭିନ୍ କେନାଲ୍ ଦେଇକରି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍ନୁ ୧ ଲାଖ୍ ୪୮ ହଜାର୍ ୩ ଶହ ୮୭ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧ ଲାଖ୍ ୯୨ ହଜାର୍ ୮ ଶହ ୫୯ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଛେ ।